# 'ଓଡ଼ିଆ ଭାଷାର ଅସ୍ତିତ୍ୱ ପାଇଁ ବ୍ୟାସକବିଙ୍କ ଅବଦାନ ଅତୁଳନୀୟ'

ବାଲେଶ୍ୱର,୧୩।୮(ଆ.ପ୍ର): କେନ୍ଦ୍ର ସାହିତ୍ୟ ଅକାଦେମି ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଶନିବାର ଶାନ୍ତିକାନନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। "ଫକୀରମୋହନଙ୍କ ସାହିତ୍ୟରେ ସମକାଳୀନ ଇତିହାସ' ଶୀର୍ଷକ ଏହି କର୍ମଶାଳାରେ କେନ୍ଦ୍ର ସାହିତ୍ୟ



ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାଚକ୍ରକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷାର ଅସ୍ତିତ୍ୱ ପାଇଁ ଫକୀରମୋହନଙ୍କ ଅବଦାନ ଅତୁଳନୀୟ। ତାଙ୍କ ସାହିତ୍ୟକୁ ଯେତେଥର ପାଠ କରିଲେ ବି ସେତେ ନୂଆ ନୂଆ ଅନୁଭୂତ ହୋଇଥାଏ ବୋଲି ସେ କହିଥିଲେ।

କେନ୍ଦ୍ର ସାହିତ୍ୟ ଅକାଦେମି କୋଲକାତାର ପୂର୍ବାଞ୍ଚଳ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ରଖିଥିଲେ। ଓଡ଼ିଆ ଭାଷାର ଉନ୍ନତି ପାଇଁ ପଣ୍ଡିତବୃନ୍ଦ ସାହିତ୍ୟାନୁଷ୍ଠାନ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର ସହାୟତାରେ କେନ୍ଦ୍ର ସାହିତ୍ୟ ଅକାଦେମି ଆଗକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ପ୍ରଖ୍ୟାତ ଗବେଷକ ପ୍ରଫେସର ଦେବେନ୍ଦ୍ର କୁମାର ଦାଶ ଫକୀରମୋହନଙ୍କ ସାହିତ୍ୟରେ ସମକାଳୀନ ଇତିହାସ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଫକୀରମୋହନ ଆର୍ଥିକ, ସାମାଜିକ ତଥା ମାନସିକ ଭାବରେ ଉତ୍ପୀଡ଼ନର ଶିକାର ହେବା ସତ୍ତ୍ୱେ ନିଜେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ ବୋଲି କହିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଫକୀରମୋହନଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ, ପରିଷଦର ସଂପାଦକ ଦୀପକ ଘୋଷ ପ୍ରାକ୍‌କଥା ରଖିଥିଲେ। ସାହିତ୍ୟ ଅକାଦେମିର ଓଡ଼ିଶା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କବି ବିମଳ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

ଡ. ବସନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଧ୍ୟାହ୍ନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ଅରବିନ୍ଦ ଗିରି, ପ୍ରଫେସର ଦୀପ୍ତିରଂଜନ ପଟ୍ଟନାୟକ, ଡ. ଚନ୍ଦ୍ରଶେଖର ଦାସ ସ୍ୱଲିଖିତ ପ୍ରବନ୍ଧ ପାଠ କରିଥିଲେ। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଡ. ମଧୁମିତାଙ୍କ ହୋତାଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ଅଧିବେଶନରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଡ. ମନ୍ମଥ କୁମାର ପ୍ରଧାନ ସ୍ୱଲିଖିତ ପ୍ରବନ୍ଧ ପାଠ କରିଥିଲେ। ପରିଷଦର ଅନ୍ୟତମ ଉପସଭାପତି ଦୀନବନ୍ଧୁ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ସମାଜରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ ପ୍ରତିଭା ତାରାମଣି ମହାପାତ୍ର, ଚିତ୍ତରଂଜନ ସାହୁ, ଜଳଧର ପଣ୍ଡା, ଦ୍ରବିଡ଼ କୁମାର ନାୟକ, ବିଦ୍ୟାଧର ରଥ, ଶିଶିର କୁମାର ମହାପାତ୍ର, କମଳଲୋଚନ ଦାଶ, ଶିବପ୍ରସାଦ ଦାଶ, ବରୁଣ କୁମାର ଚାଟାର୍ଜୀ, ସଦାନନ୍ଦ ଦାସ ପ୍ରମୁଖଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ କବିସନ୍ଧି କାର୍ଯ୍ୟକ୍ରମରେ ଖ୍ୟାତିସଂପନ୍ନ ଓଡ଼ିଆ କବୀ ମନୋରମା ବିଶ୍ୱାଳ ମହାପାତ୍ର ସ୍ୱସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିବା ସହ ଉପସ୍ଥିତ ଶ୍ରୋତାମାନଙ୍କର ବିବିଧ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଦିନିକିଆ କାର୍ଯ୍ୟକ୍ରମରେ ସାହିତ୍ୟିକ, ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ।

© SHAMBHU DAS